## ସଂକ୍ଷେପରେ

### ନିଖୋଜ ବୃଦ୍ଧଙ୍କ ମୃତଦେହ ନଦୀରୁ ମିଳିଲା

ନନ୍ଦାହାଣ୍ଡି , ୨୩।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବି.ମାଳିଗୁଡ଼ା ଗ୍ରାମର ସଦା ପୂଜାରୀ (୬୫) ଙ୍କ ମୃତଦେହ ବୁଧବାର ନଦୀରୁ ମିଳିଛି। ସେ ୨ଦିନ ହେବ ନିଖୋଜ ଥିଲେ। ସୂଚନାନୁଯାୟୀ, ବୃଦ୍ଧ ସଦା ପୂଜାରୀ ସୋମବାର ଗାଈ ଚରାଇବାକୁ ଜଙ୍ଗଲକୁ ଯାଇଥିଲେ। ଗାଈପଲ ଓ ସାଙ୍ଗରେ ଯାଇଥିବା ପୋଷା କୁକୁର ଘରକୁ ଫେରିଥିଲେ। କିନ୍ତୁ ସଦା ଘରକୁ ଆସି ନ ଥିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ମଙ୍ଗଳବାର ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ନିକଟସ୍ଥ ଇନ୍ଦ୍ରାବତୀ ନଦୀରେ ବୃଦ୍ଧ ଜଣଙ୍କ ବୁଡ଼ିଯାଇଥିବା ସନ୍ଦେହକରି ପୋଲିସ ନବରଙ୍ଗପୁର ଓ ନନ୍ଦାହାଣ୍ଡି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ବୃଦ୍ଧଙ୍କ କୌଣସି ଖବର ମିଳି ନ ଥିଲା। ମଙ୍ଗଳବାର ରାତିରେ ପରିବାର ଏବଂ ଗାଁଲୋକ ମିଶି ଖୋଜାଖୋଜି କରିବାବେଳେ ନଦୀଠାରୁ କିଛି ଦୂରରେ ସଦାଙ୍କ ମୃତଦେହ ମିଳିଥିଲା। ପରିବାର ଲୋକେ ପୁଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତକରି ନବରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମା' ବାପାଙ୍କ ସ୍ମୃତିରେ ଚାରା ବଣ୍ଟନ



ନବରଙ୍ଗପୁର, ୨୩।୯(ବି.ପ୍ର.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାସ୍ଥିତ ଯାଦବ ମାଝି ବାଳିକା ଉଚ୍ଚ ବିଦ୍ୟାଳୟକୁ ସାମାଜିକ କର୍ମୀ ଦିଲୀପ ଦାସ ବିଭିନ୍ନ ହାଇବ୍ରିଡ୍ ଫଳଚାରା ବଣ୍ଟନ କରିଛନ୍ତି। ନିଜ ମା' ବାପାଙ୍କ ସ୍ମୃତିରେ ସେ ଏହି ଚାରା ବଣ୍ଟନ କରିଛନ୍ତି। ଉକ୍ତ ଫଳଚାରା ବିଦ୍ୟାଳୟ ଚାରିପାର୍ଶ୍ୱରେ ଲଗାଇ ସମ୍ପୂର୍ଣ୍ଣ ଯତ୍ନ ନେବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ନଜରାନା ପରବିନ ଏବଂ କିରାଣି ତରଣୀ ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ ଦିଲୀପ ବିଭିନ୍ନ ସମୟରେ ଗରିବ ଜନସାଧାରଣଙ୍କୁ ସହାୟତାର ହାତ ବଢ଼ାଇବା ସହ ରାସ୍ତାକଡ଼ରେ ଚାରା ରୋପଣ କରିଥାନ୍ତି। ଏଥିସହ ସମାଜ ସେବାରେ ସେ ନିୟୋଜିତ ଅଛନ୍ତି । ବ୍ଲକ, ଜିଲା ତଥା ରାଜ୍ୟସ୍ତରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସେ ପୁରସ୍କୃତ ହୋଇଛନ୍ତି।

### ନଦୀକୂଳରୁ ଯୁବକଙ୍କ ମୃତଦେହ ଜବତ

ଚନ୍ଦ୍ରପୁର, ୨୩।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ାସ୍ଥିତ ବଂଶଧାରା ନଦୀ କୂଳରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କନ୍ଧମାଳ ଜିଲା ଡୁମୁଡ଼ିବନ୍ଧ ଅଞ୍ଚଳର ଶିବ ବେହେରଦଳାଇ। ସୂଚନା ଅନୁଯାୟୀ, ଶିବ ଡାଙ୍ଗସୋରଡ଼ାସ୍ଥିତ ଏକ ଲୁହା ଗ୍ରୀଲ୍ ଦୋକାନରେ କାମ କରିବାକୁ ଆସିଥିଲେ। ଗୁରୁବାର ନଦୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହ ଡାଙ୍ଗସୋରଡ଼ା ଫାଣ୍ଡି ଏବଂ ମୁନିଗୁଡ଼ା ଥାନାରେ ଏତଲା ଦେଇଥିଲେ। ମୁନିଗୁଡ଼ା ଥାନାଧିକାରୀ, ଡାଙ୍ଗସୋରଡ଼ା ଫାଣ୍ଡି ଅଧିକାରୀ ଏବଂ ସିଆର୍‌ପିଏଫ୍ ଯବାନଙ୍କ ଉପସ୍ଥିତିରେ ମୃତଦେହ ନଦୀକୂଳରୁ ଜବତ କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାବେଳେ ଯୁବକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ମୁନିଗୁଡ଼ା ଥାନାଧିକାରୀ ସୂଚନା ଦେଇଛନ୍ତି। ଶିବଙ୍କ ଘରେ ତାଙ୍କ ସ୍ତ୍ରୀ ଏବଂ ଭଉଣୀ ଥିବା ଜଣାପଡ଼ିଛି।

### ଜରିମାନା ସହ ୧୦ ଲାଇସେନ୍ସ ରଦ୍ଦ

ନନ୍ଦପୁର, ୨୩।୯(ଡି.ଏନ୍.ଏ.)-କୋରାପୁଟ ଜିଲା ନନ୍ଦପୁର ବଜାର ଛକରେ ଗୁରୁବାର ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର ଓ ଥାନା ଅଧିକାରୀ କପିଳେଶର ବେହେରାଙ୍କ ନେତୃତ୍ୱରେ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ୪୭ ଜଣ ଅମାନିଆଙ୍କଠାରୁ ମୋଟ ୩ଲକ୍ଷ ୪୯ହଜାର ୩୦୫ ଟଙ୍କା ଜରିମାନା ଆଦାୟ ହୋଇଛି। ୧୦ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଛି। ଏହି ଯାଞ୍ଚରେ ଥାନା କର୍ମଚାରୀଙ୍କ ସମେତ କୋରାପୁଟ ଅତିରିକ୍ତ ଆର୍‌ଟିଓ ଟି.କେ. ବେଟି, ଅତିରିକ୍ତ ଏମ୍‌ଭିଆଇ ପି.ଏନ୍. ରାଓ, ଟିଏସ୍‌ଆଇ ଆର୍.ଏନ୍. ସ୍ୱାଇଁ ସାମିଲ ହୋଇଥିଲେ।

# ଆନ୍ଧ୍ର ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରୁ ଗୁଣପୁର ଫେରିଲେ ୧୯ ଶ୍ରମିକ

ଗୁଣପୁର,୨୩।୯(ଡି.ଏନ୍.ଏ.)



ସହକାରୀ ଶ୍ରମ ଅଧିକାରୀ ଗୁଣପୁର ଫେରିଥିବା ଶ୍ରମିକମାନଙ୍କ ସହ ଆଲୋଚନା କରୁଛନ୍ତି ।

- ଓଡ଼ିଆ ଶ୍ରମିକଙ୍କୁ ନିର୍ଯାତନା ଘଟଣା
- ଶ୍ରମ ବିଭାଗର ହସ୍ତପେକ୍ଷରେ ଫେରିଲେ ଶ୍ରମିକ
- ସହଯୋଗ କଲେ ଆନ୍ଧ୍ର ପୋଲିସ, ସ୍ଥାନୀୟ ଲୋକେ

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡର ପୁଟାସିଂ, ପିଣ୍ଡାଗୁଡ଼ି ଓ ପଦ୍ମପୁର ଅଞ୍ଚଳର ଶ୍ରମିକମାନେ କାମ କରିବାକୁ ଆନ୍ଧ୍ର ପ୍ରଦେଶ ୱେଷ୍ଟ ଗୋଦାବରୀ ଜିଲା ଭୀମବାରମ୍ ଅଞ୍ଚଳର ଜାଙ୍କାରାମସ୍ଥିତ ଏକ ଚିଙ୍ଗୁଡ଼ି ଉତ୍ପାଦନ ୟୁନିଟକୁ ଯାଇଥିଲେ। ସେମାନଙ୍କୁ ପାରିଶ୍ରମିକ ନ ଦେଇ ନିର୍ଯାତନା ଦିଆଯାଉଥିବା ନେଇ ଶ୍ରମିକମାନେ ଭିଡିଓ ମାଧ୍ୟମରେ ଜଣାଇବା ସହ ଉଦ୍ଧାର ପାଇଁ ନିବେଦନ କରିଥିଲେ। ବୁଧବାର ଏହି ଭିଡିଓ ସାମ୍ନାକୁ ଆସିବା ପରେ ଗୁଣପୁର ଶ୍ରମ ବିଭାଗର ହସ୍ତକ୍ଷେପରେ ପୁଟାସିଂ ଗ୍ରାମର ତ୍ରିନାଥ ଦଳେଇଙ୍କ ମାଧ୍ୟମରେ ୧୯ ଶ୍ରମିକ ଗୁରୁବାର ଗୁଣପୁର ଫେରିଛନ୍ତି।

ସୂଚନାଯୋଗ୍ୟ, ଶ୍ରମିକମାନେ ୩ ମାସ ତଳେ କାମ ପାଇଁ ଆନ୍ଧ୍ରକୁ ଯାଇଥିଲେ। ସେଠାରେ ନିର୍ଯାତନାର ଶିକାର ହେବାପରେ ପୁଟାସିଂ ଅଞ୍ଚଳର ଜଣେ ବିବାହିତା ମହିଳା ତାଙ୍କ ସ୍ୱାମୀଙ୍କୁ ଘଟଣା ବିଷୟରେ ଫୋନ୍‌ରେ ଜଣାଇଥିଲେ। ଏହାପରେ ସ୍ୱାମୀ ତ୍ରିନାଥ ଦଳେଇ ପୁଟାସିଂରୁ ଆନ୍ଧ୍ର ଯାଇଥିଲେ। ସେଠାରେ ବାହାର ଲୋକଙ୍କୁ ପ୍ରବେଶ ନ ଥିବାରୁ ତ୍ରିନାଥ ସେଠାରେ କାମ କରିବା ବାହାନାରେ ସେପ୍ଟେମ୍ବର ୯ରେ ଚିଙ୍ଗୁଡ଼ି ଉତ୍ପାଦନ ୟୁନିଟରେ ପ୍ରବେଶ କରିଥିଲେ। ତ୍ରିନାଥ ଦାଦନ ଖଟିବାକୁ ଯାଇଥିବା ଶ୍ରମିକମାନଙ୍କୁ ନିର୍ଯାତନା ଦିଆଯାଉଥିବା ସମୟର ଭିଡିଓ ଉତ୍ତୋଳନ କରିଥିଲେ। ଏହା ଜାଣିବା ପରେ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରି ମାଲିକ ଓ ସୁପରଭାଇଜର ତ୍ରିନାଥ ଓ ଅନ୍ୟ ଜଣେ ଶ୍ରମିକଙ୍କୁ ଏକ କୋଠରି ମଧ୍ୟରେ ରଖି ଦୁଇଘଣ୍ଟା ପର୍ଯ୍ୟନ୍ତ ମାଡ଼ ମାରିବା ସହ ବାହାରୁ କବାଟ ବନ୍ଦ କରି ଚାଲିଯାଇଥିଲେ। ତ୍ରିନାଥଙ୍କ ସ୍ତ୍ରୀ ସେମାନଙ୍କୁ କୌଣସି ପ୍ରକାରେ ମୁକୁଳାଇଥିଲେ। ନିର୍ଯାତନା ସହି ନ ପାରି ମଙ୍ଗଳବାର ରାତିରେ ଶ୍ରମିକମାନେ ପାଖ ଜଙ୍ଗଲରେ ଲୁଚି ରହିବା ପରେ ସକାଳେ ସ୍ଥାନୀୟ ପୋଲିସ ସହାୟତା ଲୋଡ଼ିଥିଲେ। ପୋଲିସ ଏବଂ ସ୍ଥାନୀୟ ଲୋକେ ଓଡ଼ିଆ ଶ୍ରମିକମାନଙ୍କୁ ଉଦ୍ଧାର କରିବାରେ ସହଯୋଗ କରିଥିଲେ। ଏଥିସହ ଶ୍ରମିକମାନଙ୍କ ସମସ୍ତ ପାରିଶ୍ରମିକ ଫେରାଇବାକୁ ପୋଲିସ ଫ୍ୟାକ୍ଟ୍ରି ମାଲିକଙ୍କୁ କହିଥିଲା। ଏହାପରେ କମ୍ପାନୀ ପକ୍ଷରୁ ସମସ୍ତ ପାରିଶ୍ରମିକ ଦିଆ ନ ଯାଇ କମ୍ ଟଙ୍କା ଦିଆଯାଇଥିଲା। ଉକ୍ତ ଟଙ୍କାରେ ଶ୍ରମିକମାନେ ଫେରିଛନ୍ତି। ଶ୍ରମିକମାନଙ୍କୁ ଫେରାଇ ଆଣିବାକୁ ଶ୍ରମ ବିଭାଗ ତ୍ରିନାଥଙ୍କୁ ଦାୟିତ୍ୱ ଦେଇଥିଲା। ଯେଉଁମାନଙ୍କ ପାଖରେ ଟିକେଟ ପାଇଁ ଟଙ୍କା ନାହିଁ ପରସ୍ପର ସହଯୋଗରେ ଫେରିବା ପାଇଁ କୁହାଯିବା ସହ ଫେରିବା ପରେ ସମସ୍ତ ଟଙ୍କା ଶ୍ରମ ବିଭାଗ ବହନ କରିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଗୁଣପୁରରେ ପହଞ୍ଚିବା ପରେ ସହକାରୀ ଶ୍ରମ ଅଧିକାରୀ ସ୍ୱାତୀଲଗ୍ନା ପାତ୍ର ଶ୍ରମିକମାନଙ୍କୁ ଭେଟି ଘଟଣା ବିଷୟରେ ପଚାରି ବୁଝିଛନ୍ତି। ଫେରିଥିବା ୧୯ ଶ୍ରମିକଙ୍କ ମଧ୍ୟରେ ଗୁଣପୁର ବ୍ଲକ ପୁଟାସିଂର ୫, ପିଣ୍ଡାଗୁଡ଼ି ଅଞ୍ଚଳର ୬, ପଦ୍ମପୁର ବ୍ଲକ ବଡ଼ପଲିର ୬, ଗଜପତି ଜିଲା ଆର୍. ଉଦୟଗିରିର ଜଣେ ରହିଛନ୍ତି।

## ଦାବି ପରେ ମୁନିସିଂରେ ଖୋଲିଲା ଟିକାଦାନ କେନ୍ଦ୍ର



ମହିଳାମାନେ ଧାଡ଼ିରେ ଆସି ଟିକା ନେଉଛନ୍ତି।

କୋଲନରା,୨୩।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ସୁରୀ ପଞ୍ଚାୟତ ଅଧୀନ ମୁନିସିଂ ଅଞ୍ଚଳରେ ଦୀର୍ଘଦିନ ଧରି କରୋନା ଟିକାକେନ୍ଦ୍ର ଖୋଲିବାକୁ ଦାବି ହେଉଥିବାବେଳେ ଗୁରୁବାର ଟିକା କେନ୍ଦ୍ର ଖୋଲିଛି। କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଏହି ଅଞ୍ଚଳ ରହିଥିଲେ ମଧ୍ୟ ଅନେକ ଗ୍ରାମବାସୀ ଟିକା ନେବାରୁ ବଞ୍ଚିତ ହେଉଥିଲେ। ଅନେକ ଲୋକ ଖର୍ଚ୍ଚାନ୍ତ ହୋଇ କୋଲନରା, ରାୟଗଡ଼ା କିମ୍ବା ଜେକେପୁର ଯାଇ ଟିକା ନେଉଥିଲେ। ଗ୍ରାମବାସୀ ଏ ବିଷୟରେ ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଇଥିଲା। ଏହାପରେ ତତ୍ପରତା ପ୍ରକାଶ ପାଇବା ସହ ଟିକା କେନ୍ଦ୍ର ଖୋଲାଯାଇଛି। ଗୁରୁବାର ମୁନିସିଂ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଲକଟିଗୁଡ଼ା, ଶିତଲଗୁଡ଼ା, ଗାଦବା ସାହି, ଡୋକଲଗୁଡ଼ା, ମାଉଡିଗୁଡ଼ା ଓ ମୁନିସିଂ ଗ୍ରାମର ୧୧୦ଜଣଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋରନା ଟିକା ପ୍ରଦାନ କରାଯାଇଥିଲା। ଟିକା ପ୍ରଦାନ କାର୍ଯ୍ୟରେ ଏଏନ୍‌ଏମ୍ ରଶ୍ମିତା ପାତିକା, ଅଙ୍ଗନୱାଡ଼ି କର୍ମୀ ଟୁନି ପାତିକା, ଆଶାକର୍ମୀ ସନ୍ଧ୍ୟା ଗେଟାପୁ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ମାର୍ଟ କ୍ଲାସ୍ ରୁମ୍ କାର୍ଯ୍ୟ ତଦାରଖ କଲେ ଏମ୍‌ପି



ଝରିଗାଁ, ୨୩।୯(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାସ୍ଥିତ ନୋଡାଲ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୬୦ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ସ୍ମାର୍ଟ କ୍ଲାସ୍ ରୁମ୍ କାର୍ଯ୍ୟ ଚାଲିଛି। ଗ୍ରାମାଞ୍ଚଳ ପିଲାଙ୍କୁ ନୂତନ ବୈଷୟିକ ପ୍ରଣାଳୀରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଏହି କାମ ଚାଲିଛି। ଗୁରୁବାର ନବରଙ୍ଗପୁର ଲୋକ ସଭା ସଦସ୍ୟ ରମେଶ ଚନ୍ଦ୍ର ମାଝି ଝରିଗାଁ ବ୍ଲକ ଗସ୍ତକରି ନୋଡାଲ ସରକାରୀ ନୂତନ ପଞ୍ଚାୟତ ହାଇସ୍କୁଲରେ ପହଞ୍ଚିଥିଲେ। ବିଦ୍ୟାଳୟ ପରିସରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ୫-ଟି ସମ୍ପର୍କରେ ସଚେତନ କରିଥିଲେ। ଏହାପରେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ବିଡିଓ ସତ୍ୟନାରାୟଣ ମେହେର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ସହକାରୀ ଯନ୍ତ୍ରୀ ପ୍ରିୟଙ୍କା ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନତା ସାଇବର ଅପରାଧକୁ ରୋକିପାରିବ

ରାୟଗଡ଼ା ଅଫିସ,୨୩।୯

**ଡିଏଲ୍‌ଏସ୍‌ଏ ପକ୍ଷରୁ ଆଇନ ସଚେତନତା**

ରାୟଗଡ଼ା ଜିଲା ଆଇନସେବ ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ସାଇବର ଆଇନ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡିଏଲ୍‌ଏସ୍‌ଏର ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ୍ ବିକ୍ରମ କେଶରୀ ପଟ୍ଟନାୟକଙ୍କ ଦିଗ୍‌ଦର୍ଶରେ ଆୟୋଜିତ ଅନ୍‌ଲାଇନ୍ ସଚେତନତା କାର୍ଯ୍ୟକ୍ରମକୁ ପ୍ରାଧିକରଣର ସମ୍ପାଦକ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଡ୍‌ହକ୍ ଅତିରିକ୍ତ ଜିଲା ଦୌରାଜଜ୍(ଫାଷ୍ଟ ଟ୍ରାକ୍)ଗଣେଶ୍ୱର ପତି, ପରିବାର ଅଦାଲତର ବିଚାରପତି ଆଶିଷ କୁମାର ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ମନୋରଞ୍ଜନ ଦାସ, ରେଜିଷ୍ଟ୍ରାର ପ୍ରତିମା ପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ସତରୂପା ଶତପଥି, ମହିଳା କୋର୍ଟର ବିଚାରପତି ସୋନାଲ୍ ଶର୍ମା, ଅନୁବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର ପ୍ରସାଦ ଦାସ, ପ୍ରଥମ ଶ୍ରେଣୀ ବିଚାରପତି ଗୁରୁଚରଣ ଜେନାମଣି, ଡିଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ସାଇବର ଏକ୍ସପାର୍ଟ କିରଣ ପାତ୍ର, ବିଭିନ୍ନ ପୋଲିସ ଅଧିକାରୀ, ପ୍ୟାନେଲ୍ ଲୟର, ପାରା ଲିଗାଲ ଭଲୁଣ୍ଟିୟର୍ସ ପ୍ରମୁଖ ଯୋଗ ଦେଇଥିଲେ, ସମ୍ପ୍ରତି ସମାଜରେ ସାଇବର ଅପରାଧ ବଢ଼ିବାରେ ଲାଗିଛି। ସଚେତନତା ମାଧ୍ୟମରେ ଏହି ଅପରାଧକୁ ନିୟନ୍ତ୍ରଣ କରାଯାଇପାରିବ। ତେଣୁ ସାଇବର ଅପରାଧ ପାଇଁ ଆବଶ୍ୟକ ସତର୍କତା ଏବଂ ଆଇନରେ ଉଲ୍ଲିଖିତ ଧାରା ଓ ନିୟମ ଇତ୍ୟାଦି ସଂପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ମୁନିଗୁଡା, ୨୩।୯(ଡି.ଏନ୍.ଏ.)

ମୁନିଗୁଡ଼ାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ଜଗବନ୍ଧୁ ପଣ୍ଡା ଓ ନିକୁଞ୍ଜ ଶତପଥୀଙ୍କ ମିଳିତ ପୌରହିତ୍ୟରେ ଅନୁଷ୍ଠିତ ଏହି ପୂଜାରେ ବୃନ୍ଦାବନ ପାଢ଼ୀ, ଗୌରହରି ବନଛୋର କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପୁରୋହିତ ଶ୍ୟାମସୁନ୍ଦର ଦାସ, ସଦାନନ୍ଦ ମହାପାତ୍ର, ଅଶୋକ କର, ସୁରେଶ ରଥ, ଶଙ୍ଖୁଆ ଗଣେଶ ରଣା, ତରଣୀ ବେହେରା ପ୍ରମୁଖ ଏଥିରେ ସହଯୋଗ କରିଛନ୍ତି । ଏହି ଅବସରରେ ପ୍ରଥମେ ମଣ୍ଡପ ସମ୍ମୁଖରେ କଳସ ସ୍ଥାପନ କରି ହୋମଯଜ୍ଞ କରାଯାଇଥିଲା। ପରେ ଶୁଭଖୁଣ୍ଟିରେ ହଳଦୀ ଓ ସିନ୍ଦୁର ଲଗାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଖୁଣ୍ଟିକୁ ମଣ୍ଡପ ପାଖରେ ସ୍ଥାପନ ପରେ ଆଳତୀ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ସରକାରଙ୍କ କୋଭିଡ କଟକଣା ନିୟମରେ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ କମିଟିର ବାଳକୃଷ୍ଣ ପଟ୍ଟନାୟକ, ହାଡ଼ିଆ ଗୌଡ଼, ରାଧେଶ୍ୟାମ ବେହେରା, ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ନ୍ୟାୟ ପ୍ରଦାନରେ ବିଳମ୍ବ ବିରୋଧରେ ଥାନା ଘେରାଉ

ରାୟଗଡ଼ା ଅଫିସ,୨୩।୯



ଥାନା ଘେରାଉ କରିଥିବା ଉତ୍ୟକ୍ତ ଗ୍ରାମବାସୀ

**ରାଜେଶ ବେନିଆଙ୍କ ରକ୍ତାକ୍ତ ମୃତଦେହ ଜବତ ମାମଲା**

ରାୟଗଡ଼ା ଟାଉନ ଥାନା ଅଧୀନ କୋଡିଙ୍ଗିଗୁଡ଼ା ଗ୍ରାମ ନିକଟରୁ ସେପ୍ଟେମ୍ବର ୬ ରାତିରେ କୋଡ଼ିଙ୍ଗିଗୁଡ଼ାର ରାଜେଶ ବେନିଆଙ୍କ ରକ୍ତାକ୍ତ ମୃତଦେହ ଜବତ କରାଯାଇଥିଲା। ତାଙ୍କୁ କେହି ହତ୍ୟା କରି ସେଠାରେ ଫୋପାଡ଼ିଥିବା ଗ୍ରାମବାସୀ ସେତେବେଳେ ଅଭିଯୋଗ କରିଥିଲେ। ତେବେ ରାଜେଶଙ୍କୁ ନ୍ୟାୟ ମିଳିବାରେ ବିଳମ୍ବକୁ ବିରୋଧ କରି ଗୁରୁବାର ହାଲୁଆ, କୋଡ଼ିଙ୍ଗିଗୁଡ଼ା, ଗୁମା, ପାଲିସିନିମା, କୁମ୍ଭିକୋଟା ଗ୍ରାମର ପ୍ରାୟ ୨୦୦ ଲୋକ ରାୟଗଡ଼ା ଟାଉନ ଥାନା ଘେରାଉ କରିଥିଲେ। ଏସ୍‌ଡିପିଓ ଦେବଜ୍ୟୋତି ଦାଶ ଏବଂ ଟାଉନ୍ ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନ ଉତ୍ୟକ୍ତ ଗ୍ରାମବାସୀଙ୍କ ବୁଝାଶୁଝା କରିବା ସହ ତଦନ୍ତ ଚାଲିଥିବା କହିଛନ୍ତି। ୧୦ରୁ ୧୨ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦୁଇ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଫେରିଥିବା ଜଣାପଡ଼ିଛି।

## ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଛି

ଅମ୍ବାଦଳା,୨୩।୯

**୨୪ ସୁଦ୍ଧା ବିଭାଗକୁ ତଥ୍ୟ ଦେବେ ସିଆର୍‌ସିସି**

ରାୟଗଡ଼ା ଜିଲା ଅମ୍ବାଦଳା ଯୋଶୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ଚାଲିଛି। ଏହି ପ୍ରକ୍ରିୟାରେ ସବୁ ବର୍ଗର ଯଥା ଶିକ୍ଷା ସହାୟକ, କନିଷ୍ଠ ଶିକ୍ଷକ, କନିଷ୍ଠ ଶିକ୍ଷକ (ଚୁକ୍ତିଭିତ୍ତିକ), ଏକ୍ସ କ୍ୟାଡର, ଜିଲା ପରିଷଦ ଓ ଗଣଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସାମିଲ କରାଯାଇଛି। ଅମ୍ବାଦଳା, ଅମ୍ଳଭଟ୍ଟା, ଇଚ୍ଛାପୁର ଓ ଡାଙ୍ଗବାଡ଼ି କ୍ଲଷ୍ଟରର ଶତାଧିକ ଶିକ୍ଷକ ନିଜ ପ୍ରମାଣପତ୍ର ଦାଖଲ କରୁଛନ୍ତି। ଏକ ଫର୍ମାଟରେ ନାମ, ଜାତିଗତ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ବୃତ୍ତିଗତ ଯୋଗ୍ୟତାର ପ୍ରମାଣପତ୍ର, ଅନୁଷ୍ଠାନର ନାମ ଇତ୍ୟାଦି ସହିତ ପାସ୍ କରିଥିବା ମସିହା ଓ ରୋଲ ନଂ ଆଦି ପୂରଣ କରାଯାଇ ସମସ୍ତ ଶିକ୍ଷକଙ୍କର ବ୍ୟକ୍ତିଗତ ଫାଇଲ ପ୍ରସ୍ତୁତ କରାଯିବ। ଉକ୍ତ ଫାଇଲ୍ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଦାଖଲ କରାଯିବ ବୋଲି ସିଆର୍‌ସିସିଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ପ୍ରକ୍ରିୟାରେ ୪ ସିଆର୍‌ସିସି ବିପିନ ବିହାରୀ କର, ଅକ୍ଷୟ ରଥ, ରାଜକିଶୋର ଚୌଧରି ଓ ବ୍ରଜହିଆଲ ପ୍ରମାଣପତ୍ର ଗୁଡିକୁ ସଂଗ୍ରହ କରୁଛନ୍ତି। ୨୪ ତାରିଖ ସୁଦ୍ଧା ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ତଥ୍ୟ ଦେବାକୁ ସିଆର୍‌ସିସିମାନଙ୍କୁ ନିର୍ଦ୍ଦେଶ ହୋଇଛି। ଜାଲ ପ୍ରମାଣପତ୍ରରେ ଶିକ୍ଷକତା କରୁଥିବା ନକଲି ଶିକ୍ଷକଙ୍କୁ ଧରିବାକୁ ଏଭଳି ପଦକ୍ଷେପ ନିଆଯାଇଛି ।

## ଶିଳ୍ପାନୁଷ୍ଠାନରେ ଯୁବଗୋଷ୍ଠୀଙ୍କ ପାଇଁ ସ୍ଥାନ ସଂରକ୍ଷଣ ଦାବି

ରାୟଗଡ଼ା ଅଫିସ,୨୩।୯

**ନଗର ଭାଜପା ପକ୍ଷରୁ ଦାବିପତ୍ର**

ରାୟଗଡ଼ା ନଗର ଭାଜପା ପକ୍ଷରୁ ନଗର ସଭାପତି ଶ୍ୟାମକୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତକରି ରାୟଗଡ଼ା ପୌରାଞ୍ଚଳର ଯୁବଗୋଷ୍ଠୀଙ୍କୁ ଜିଲାର ୪ ଶିଳ୍ପାନୁଷ୍ଠାନରେ ଚାକିରି ନିମନ୍ତେ ୧୧ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖିବାକୁ ଦାବି କରାଯାଇଛି। ସେହିପରି ରାୟଗଡ଼ା ସହରାଞ୍ଚଳରେ ରିଲାଏନ୍ସ ପେଟ୍ରୋଲ ପମ୍ପ ଛକ, ମଝିଘରିଆଣୀ ମନ୍ଦିର ଛକ ଏବଂ ସିରିଗୁଡ଼ାଠାରେ ରହିଥିବା ଚେକ୍ ପୋଷ୍ଟକୁ ଉଠାଇବା ପାଇଁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଗାଁରୁ ସହରକୁ ବ୍ୟବସାୟ ପାଇଁ ଆସୁଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଉକ୍ତ ଚେକ୍ ପୋଷ୍ଟଗୁଡ଼ିକରେ ଟଙ୍କା ମାଗି ଶୋଷଣ କରାଯାଉଛି। ତେଣୁ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯାଉ ବୋଲି ଦାବି ହୋଇଛି। ଦାବିପତ୍ର ପ୍ରଦାନବେଳେ ଭାଜପା ଜିଲା ସାଧାରଣ ସମ୍ପାଦକ କିଶୋର ପଣ୍ଡା, ବିଦ୍ୟା ପଣ୍ଡା, ଟି. ନାଗରାଜୁ, ପ୍ରଶାନ୍ତ ପଟ୍ଟନାୟକ, ଅଜୟ ବୁଲେଟ, ଲକ୍ଷ୍ମୀ ବୁରୁଡ଼ି, ମଞ୍ଜୁଳା ମିନିଆକା, ଝରଣା ମହାନ୍ତି, ଗୋପାଳ ପାଢ଼ୀ, ସନ୍ତୋଷ ହିକ୍କା, ନରେଶ ବିଡିକା, ପେଦିନା ମୁରଲୀ, ବିଦ୍ୟାସାଗର ଏବଂ ଜଗଦୀଶ ସୁନାରି ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି ।

# ପୁଣି ଝଲସିବ ତେନ୍ତୁଳିଖୁଣ୍ଟିର ଇଡେନ୍ ଗାର୍ଡେନ

ତେନ୍ତୁଳିଖୁଣ୍ଟି,୨୩।୯(ଡି.ଏନ୍.ଏ.)



ସିୱାଇଏ ପକ୍ଷରୁ ମେଶିନ ସାହାଯ୍ୟରେ ଘାସ ସଫା କରାଯାଉଛି।

- ଆସିବେ ରାଜ୍ୟର ଫୁଟ୍‌ବଲ ଖେଳାଳି
- ସିୱାଇଏ ପକ୍ଷରୁ ଚାଲିଛି ପ୍ରସ୍ତୁତି

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର 'ଫୁଟ୍‌ବଲ ପାଗଳ ଇଡେନ୍ ଗାର୍ଡେନ' ରୂପେ ପରିଚିତ କାମତାସ୍ଥିତ ଖେଳପଡ଼ିଆ ପୁଣି ଖେଳାଳି ଏବଂ ଦର୍ଶକଙ୍କୁ ନେଇ ଝଲସିବ। ଏଠାରେ ଫୁଟ୍‌ବଲ ଖେଳ ପୁଣି ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏବେ ଆୟୋଜକ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କରୋନା ପରିସ୍ଥିତି ଯୋଗୁ ୨ବର୍ଷ ହେଲା ଫୁଟ୍‌ବଲ ଖେଳ ଆୟୋଜନ କରିବା ସମ୍ଭବ ହୋଇ ନ ଥିଲା। ଏବେ ପୁନର୍ବାର ଇଡେନ୍ ଗାର୍ଡେନରେ ଫୁଟ୍‌ବଲ ପରିବେଶକୁ ଫେରାଇ ଆଣିବା ପାଇଁ ଯେହୋବା ଜୀରୀ ଖ୍ରୀଷ୍ଟୀୟ ଯୁବକ ସଂଘ(ସିୱାଇଏ) ପକ୍ଷରୁ ଜୋର୍‌ଦାର ଉଦ୍ୟମ ଚାଲିଛି। ପୂର୍ବଭଳି ଏଠାକୁ ପୁଣି ରାଜ୍ୟ ବାହାରୁ ଖେଳାଳିଙ୍କ ଆଗମନ ହେବ ବୋଲି ଜଣାପଡ଼ିଛି। ଏବେ ମେଶିନ ସାହାଯ୍ୟରେ ଘାସ କଟାଯିବା ସହ ସାଜସଜ୍ଜା କରାଯାଉଛି। ଏଥିପାଇଁ ଯୁବଗୋଷ୍ଠୀ ପାଳିକରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ଏବଂ ଦେଶ ବାହାରୁ ଖେଳାଳି ଆସି ଏହି ପଡ଼ିଆରେ ଖେଳୁଥିଲେ। ପରେ ଏହି ପଡ଼ିଆର ଉନ୍ନତି ଦିଗରେ ସରକାରୀ ସହଯୋଗର ଅଭାବ ଯୋଗୁ ଏହା ଗୋରୁଙ୍କ ଚରାଭୂମି ପାଲଟିଥିଲା। ଏବେ ଯୁବଗୋଷ୍ଠୀ ପଡ଼ିଆ ତଥା ଅଞ୍ଚଳର ଗୌରବ ଫେରାଇ ଆଣିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ମହିଳା ଦଳଙ୍କୁ ନେଇ ମଧ୍ୟ ପ୍ରତିଯୋଗିତା ଆୟୋଜନ ହେବ। ୨୦୧୮ରେ ମଧ୍ୟ ସିୱାଇଏ ପକ୍ଷରୁ ସମ୍ବଲପୁର ଓ ଝାରସୁଗୁଡ଼ା ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ମହିଳା ଟିମ୍‌କୁ ନେଇ ସ୍ୱତନ୍ତ୍ର ଫୁଟ୍‌ବଲ ମ୍ୟାଚ୍ ଆୟୋଜନ କରାଯାଇଥିଲା। ଉକ୍ତ ମ୍ୟାଚ୍‌କୁ ଦର୍ଶକ ଏବେ ବି ଭୁଲିପାରିନାହାନ୍ତି। ଆଗକୁ ୮ ଦଳକୁ ନେଇ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ ବୋଲି ସିୱାଇଏ ପକ୍ଷରୁ ସୂଚନା ମିଳିଛି। ଏହାକୁ ନେଇ ଅଞ୍ଚଳର କ୍ରୀଡ଼ାବିତ୍ ଏବଂ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

## ସଂକ୍ଷେପରେ

### ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଲେ ବେଦଭୂଷଣ



କୋରାପୁଟ,୨୩।୯(ସ୍ୱ.ପ୍ର.)- ଆଇଏଏସ ପ୍ରୋବେସେନାରି ବେଦଭୂଷଣ କୋରାପୁଟର ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ରୂପେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବାହ୍ନରେ ପୌର କାର୍ଯ୍ୟାଳୟରେ ପହଞ୍ଚି ଆଲୋକ ରଞ୍ଜନ ସାମନ୍ତରାୟଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବେଦଭୂଷଣ ଆସନ୍ତା ଅକ୍ଟୋବର ୧୯ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ଏଠାରେ ଥିବା ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ପୌର ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇବେ। ଏଥିସହ ସାମନ୍ତରାୟ କୋଟପାଡ ଏନଏସି ନିର୍ବାହୀ ଅଧିକାରୀ ରୂପେ ଅତିରିକ୍ତ କାର୍ଯ୍ୟ କରିବେ।

### ଘରେ ଝଗଡ଼ାକରି ଟାୱାର ଉପରେ ଚଢ଼ିଗଲେ ନାବାଳକ

ମାଲକାନଗିରି,୨୩।୯(ଡି.ଏନ.ଏ.) - ମାଲକାନଗିରି ଜିଲା ପଡ଼ିଆ ବ୍ଲକ କୁମ୍ଭାର ସାହିରେ ଥିବା ଏକ ଜିଓ ଟାୱାର ଉପରେ ସେହି ସାହିର ମୁକେଶ ନାମକ ଜଣେ ନାବାଳକ ଚଢ଼ିଥିଲେ। ମୁକେଶ ଘରେ ଝଗଡ଼ା କରି ଘରୁ ଚାଲିଯାଇ ଟାୱାର ଉପରେ ଚଢ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୁକେଶଙ୍କୁ ଉଦ୍ଧାରକରି ତଳକୁ ଆଣିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଜୁଆଆଡ୍ଡା ଉପରେ ଚଢ଼ାଉ

ଜୟପୁର, ୨୩।୯ (ନି.ପ୍ର.)-ଜୟପୁର ସହରର ଦାସସାହିରେ ଜୁଆଖେଳ ଚାଲିଥିବା ଖବର ପାଇ ଟାଉନ ଥାନା ପୋଲିସ ଚଢ଼ାଉ କରି ୧୨ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୧ ହଜାର ୪୫୦ ଟଙ୍କା ଜବତ ହୋଇଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି।

### ସିକ୍ୟୁରିଟି ଗାର୍ଡ, କ୍ଲିନିକ୍ କର୍ମଚାରୀ ସଂଘ ବୈଠକ

କୋରାପୁଟ,୨୩।୯,(ସ୍ୱ.ପ୍ର.)- କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ଓ କ୍ଲିନିକ୍ କର୍ମଚାରୀ ସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଜଳେନ୍ଦ୍ର ତୁରୁକ ଅଧକ୍ଷତା କରିଥିଲେ। ବୈଠକରେ ପୂର୍ବତନ ବିଧାୟକ ନିମାଇଁ ଚନ୍ଦ୍ର ସରକାର,ପୂର୍ବତନ ପୌରାଧକ୍ଷ ଭଗବାନ ବାହିନୀପତି, ପୂର୍ବତନ ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ରୂପକ କୁମାର ତୁରୁକ ଯୋଗଦେଇ ମେଡିକାଲରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ଓ କ୍ଲିନିକ କର୍ମଚାରୀଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ସେମାନେ କୋଭିଡ୍ ସମୟରେ ଜୀବନକୁ ବାଜି ଲଗାଇ କାମ କରୁଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସେମାନଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା କରାଯାଇନାହିଁ। ସେମାନଙ୍କୁ ଠିକ୍ ସମୟରେ ଦରମା ପ୍ରଦାନ କରାଯାଉନାହିଁ। ଇପିଏଫ୍ ମଧ ଦାଖଲ ନ ହେବା ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସେମାନଙ୍କ ସମସ୍ୟା କିପରି ସମାଧାନ ହେବ ସେ ନେଇ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଘ ସମ୍ପାଦକ ମନୋଜ ହିଆଲ ପରିଚାଳନା କରିଥିଲେ।

# ଭଙ୍ଗାଘରେ ଚାଲିଛି ଡାକସେବା

କୋରୁକୋଣ୍ଡା,୨୩।୯(ଡି.ଏନ୍.ଏ.)



ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଘରେ ଚାଲିଛି ଡାକ କାର୍ଯ୍ୟାଳୟ।

ବର୍ତ୍ତମାନ ସମୟରେ ଡାକସେବାର ଚାହିଦା କମିବାରେ ଲାଗିଛି। ତା'ର ସ୍ଥାନ ନେଇଛି ମୋବାଇଲ ଫୋନ। ବାର୍ତ୍ତା ନେଣଦେଣଠାରୁ ଆରମ୍ଭକରି ଭାବ ବିନିମୟ ପର୍ଯ୍ୟନ୍ତ ସବୁକିଛି ସମ୍ପନ୍ନ ହୋଇପାରୁଛି ମୋବାଇଲ ଫୋନରେ। ଏବେ ଡାକସେବାର ଚହିଦା କମିଥିବାରୁ ଏହାର ଗୁରୁତ୍ୱ ମଧ ହ୍ରାସ ପାଇଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦେଶରେ ଡାକସେବାକୁ ପୁଣି ଲୋକପ୍ରିୟ କରିବା ପାଇଁ ଅନେକ ନୂଆ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦେଖିବାକୁ ମିଳୁଛି। ଏପରି ସ୍ଥଳେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତୁମୁସାପଲ୍ଲୀ ପଞ୍ଚାୟତରେ ଥିବା ଡାକ କାର୍ଯ୍ୟାଳୟର ନିଜସ୍ୱ କୋଠା ନ ଥିବାରୁ ଗ୍ରାମର ମହିଳା ସମିତିର ଏକ ଭଙ୍ଗାଘରେ ଦୀର୍ଘ ୧୫ରୁ ଊର୍ଦ୍ଧ୍ୱ ବର୍ଷ ହେଲା ଚାଲିଛି। ଭଗ୍ନ ଅବସ୍ଥାରେ ଝୁଲି ରହିଛି ଏହାର କବାଟ ଝରକା। ଏହି କୋଠା ଛାତରୁ ପାଣି ଗଳିବା ସହ ବର୍ଷା ହେଲେ ଘର ଭିତରେ ପାଣି ପଶୁଛି। ଏନେଇ କର୍ମଚାରୀମାନେ ବହୁ ହଇରାଣ ହେଉଛନ୍ତି। କର୍ମଚାରୀ ବହୁବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବିଜେଡିରେ ମିଶିବା ଖବରକୁ ଗ୍ରାମବାସୀଙ୍କ ଅସ୍ୱୀକାର

ପଟ୍ଟାଙ୍ଗୀ,୨୩।୯(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମ୍ବାଇ ପଞ୍ଚାୟତର ନୂଆଁଗୁଡ଼ା ଗ୍ରାମର ୯୮ ପରିବାର କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା ନେଇ ବିଧାୟକ ପ୍ରୀତମ ପାଢ଼ୀ ଦେଇଥିବା ମତକୁ ଗ୍ରାମବାସୀ ଗୁରୁବାର ବିରୋଧ କରିଛନ୍ତି। ସେମାନେ କହିଛନ୍ତି, ଆମ ଗ୍ରାମରେ ୭୫ ପରିବାର ଥିବା ବେଳେ ବିଧାୟକ ୯୮ ପରିବାର ଥିବା କହିଛନ୍ତି। ଗତ ୧୮ତାରିଖରେ ବିଧାୟକ ପାଢ଼ୀ ଆମ ଗ୍ରାମକୁ ଗସ୍ତରେ ଆସିଥିଲେ। ସେହି ସମୟରେ ଆମେ ଗ୍ରାମବାସୀ ଏକାଠି ହୋଇ ତାଙ୍କୁ ଗ୍ରାମର ରାସ୍ତାଘାଟ ସମସ୍ୟା ସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଜଣାଇଥିଲୁ। ସେ ମଧ ଆମ ସହ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ସହ ମିଶି ବିଧାୟକ

### ଭୁଲ୍ ସୂଚନା ଦେଇଥିଲେ ବିଧାୟକ

ଫଟୋ ଉଠାଇଥିଲେ। ପରେ ବିଧାୟକ ପାଢ଼ୀ ନୂଆଁଗୁଡ଼ା ଗ୍ରାମର ୯୮ ପରିବାର ବିଜେଡିରେ ଯୋଗଦାନ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବିଧାୟକଙ୍କ ଏଭଳି ସୂଚନା ସମ୍ପୂର୍ଣ୍ଣ ମିଥ୍ୟା। ଆମେ ବିଜେଡିରେ ଯୋଗ ଦେଇନାହୁଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପିଲକ ଗୁଣ୍ଡା, ଗୋବିନ୍ଦ ଖରା ଓ ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗୀଙ୍କୁ ପଚାରିବାରୁ ସେମାନେ କହିଲେ, ପ୍ରଚାର ହେଉଥିବା ଖବର ସମ୍ପୂର୍ଣ୍ଣ ମିଛ। ଆମେ ଗ୍ରାମବାସୀ ଯେପରି ପୂର୍ବରୁ କଂଗ୍ରେସକୁ ସହଯୋଗ କରି ଆସିଛୁ ସେହିପରି ସହଯୋଗ କରି ଚାଲିଥିବୁ।

# ୩ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ କାରାଦଣ୍ଡ

ଜୟପୁର,୨୩।୯(ନି.ପ୍ର.)

ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ରାୟ ଶୁଣାଣି କରି ଜୟପୁରସ୍ଥିତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ଗୁରୁବାର ୩ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥିସହ ବିଚାରପତି ପ୍ରଦୀପ କୁମାର ସାସମଲ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ୨୫ ହଜାର ଟଙ୍କା ଲେଖାଏ ଆର୍ଥିକ ଜରିମାନାରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଏହା ସମ୍ପୃକ୍ତା ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ଏହା ଅନାଦାୟ ହେଲେ ଅଭିଯୁକ୍ତମାନେ ପ୍ରତ୍ୟେକ ୧୫ ମାସ ଲେଖାଏ ଜେଲଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ସ୍ପଷ୍ଟ

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା

କରିଛନ୍ତି। ଦଣ୍ଡିତ ଅଭିଯୁକ୍ତମାନେ ହେଲେ କୋଟପାଡ ଥାନା ଅନ୍ତର୍ଗତ ବେଣ୍ଟାଗୁଡ଼ାର ସାନ ମାଝି, ପେଣ୍ଟାଗୁଡାର ଯୁଧିଷ୍ଠିର ପୂଜାରୀ ଓ ମେଣ୍ଟାଗୁଡ଼ାର ସନପତି ଭତ୍ରା। ମାମଲା ବିବରଣୀରୁ ପ୍ରକାଶ, କୋଟପାଡ ଥାନା ଅନ୍ତର୍ଗତ ନୂଆଗଡ ଅଞ୍ଚଳର ୩ ଜଣ ନାବାଳିକା ଶ୍ରମିକ ରୂପେ କାମ କରି ୪।୨।୨୦୧୫ରେ ଘରକୁ ଫେରଥିଲେ। ସେସମୟରେ ଏହି ୩ ଯୁବକ ଏକ କାର୍‌ରେ ଆସି ୨ ଜଣ ନାବାଳିକାଙ୍କୁ ଠେଲି ଦେଇ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ତାଙ୍କୁ ଏକ ଭାଲିଆବାଡ଼କୁ ନେବା ପରେ ଅଭିଯୁକ୍ତ ସାନ ମାଝି ତାଙ୍କୁ ବଳାତ୍କାର କରିଥିଲେ। ଅନ୍ୟ ୨ ଜଣ ସେଠାରେ ଉପସ୍ଥିତ ଥିଲେ। ଏନେଇ ନାବାଳିକାଙ୍କ ଭାଇ କୋଟପାଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ସମ୍ପୃକ୍ତ ୩ ଯୁବକକୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ଜୟପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟରେ ବିଚାରାଧୀନ ଥିଲା। ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁଧୀର ତ୍ରିପାଠୀ ପରିଚାଳନା କରୁଥିଲେ।

# ଗ୍ରାମସଭା ନିର୍ବାଚନ ଫଳାଫଳ ଘୋଷଣା

### ସୁଧାଂଶୁ ସଭାପତି, ନିରୂପ ସମ୍ପାଦକ

ଜୟପୁର,୨୩।୯(ନି.ପ୍ର.)

ଜୟପୁର ଜେଇଏଲ୍‌ସି ଚର୍ଚ୍ଚଠାରେ ଗ୍ରାମସଭା ନେଇ ହୋଇଥିବା ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ସଭାପତି ଭାବେ ସୁଧାଂଶୁ ଶେଖର ସୀତାରାମ, ଉପସଭାପତି ପ୍ରଣବ କିଶୋର ନାୟକ, ସମ୍ପାଦକ ନିରୂପ କୁମାର ଫିଲ୍ପସ, କୋଷାଧ୍ୟକ୍ଷ ରୂପେ ଏମ୍.ଜି. ଜ୍ୟୋତିର୍ମୟ ନିର୍ବାଚିତ ହୋଇଛନ୍ତି। ସଭ୍ୟ ରୂପେ ନିଖାୟଲ ଟାକରି ଓ ପ୍ରତ୍ୟୁଷ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚିତ ସଭ୍ୟାସଭ୍ୟ ମାନେ ଆସନ୍ତା ୨ ବର୍ଷ କାର୍ଯ୍ୟ କରିବେ ବୋଲି ଜେଇଏଲ୍‌ସିର ଡିନ୍ ମନୋଜ ନାୟକ ପ୍ରକାଶ କରିଛନ୍ତି। ପୂର୍ବରୁ ତାଲୁକ ସଭା ନିର୍ବାଚନରେ ପ୍ରଫୁଲ୍ଲ କୁମାର ଭତ୍ରା ନିର୍ବାଚିତ ହୋଇଛନ୍ତି। କେନ୍ଦ୍ରୀୟ କାର୍ଯ୍ୟାଳୟର ଆଗାମୀ କର୍ମକର୍ତ୍ତା ନିର୍ବାଚନରେ ଭତ୍ରା ପ୍ରାର୍ଥୀ ହେବା ଆଶା ରହିଛି।

# ବିଧାୟକଙ୍କ ୩ ପଞ୍ଚାୟତ ଗସ୍ତ



ଗ୍ରାମବାସୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ନନ୍ଦପୁର,୨୩।୯ (ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ ଗୁରୁବାର ନନ୍ଦପୁର ବ୍ଲକର ଥିବା ପଞ୍ଚାୟତର ସାତସେମିଳି, ପରଟା, ହିଁକିମ୍ପୁଟ ପଞ୍ଚାୟତର ମାର ଏବଂ ଭେଜା ପଞ୍ଚାୟତ ଗସ୍ତରେ ଯାଇ ଲୋକଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ବିଜୁ ଜନତା ଦଳ ଲୋକଙ୍କ ସହ ଅଛି, ଆଗକୁ ମଧ ରହିବ ଏବଂ ଲୋକଙ୍କ ହିତ ପାଇଁ ସର୍ବଦା କାର୍ଯ୍ୟ କରିବ ବୋଲି ବିଧାୟକ ପ୍ରକାଶ କରି ଦଳକୁ ଆହୁରି ସୁଦୃଢ଼ କରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ନନ୍ଦପୁର ବିଜେଡି ସଭାପତି କାଶୀନାଥ ଗୋଲରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳକୃଷ୍ଣ ବେବର୍ତ୍ତା, ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗୀ, ପୂର୍ବତନ ବ୍ଲକ ସଭାପତି ରାମେଶ୍ୱର ଦୋରା, ଭଗବାନ ପେଟିଆ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶିଶା, ଶେଖ ନୂର ମହମ୍ମଦ, ଶେଖ ମହମ୍ମଦ, ଶେଖ ହାସେନ, ମାଧବ ଗୋଲରିଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

# ପାନୀୟ ଜଳ ସମସ୍ୟା ନେଇ ଦାବିପତ୍ର ଦେଲେ ମହିଳା

କୋରୁକୋଣ୍ଡା,୨୩।୯(ଡି.ଏନ.ଏ.)



ମହିଳାମାନେ ଦାବିପତ୍ର ଦେଉଛନ୍ତି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଅଧୀନ ସୋଲକୋଣ୍ଡା ଗ୍ରାମର ମହିଳାମାନେ ବୁଧବାର ପାନୀୟ ଜଳ ସମସ୍ୟା ଦୂରୀକରଣ ନେଇ ବିଡିଓ ଅଂଶୁମାନ ମହାପାତ୍ରଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ଗ୍ରାମରେ ପ୍ରାୟ ୨ଶହ ପରିବାର ରହି ଆସୁଛନ୍ତି। ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ୩ଟି ନଳକୂପ ଖନନ କରାଯାଇଥିଲା। ମାତ୍ର ସେଗୁଡ଼ିକ ଏବେ ଅଚଳ ଅବସ୍ଥାରେ ପଡିରହିଛି। ନଳକୂପ ମରାମତି କଲେ ମଧ ସେଥିରୁ ଲୁହାଗୁଣ୍ଡ ମିଶ୍ରିତ ଦୂଷିତ ଜଳ ବାହାରୁଛି। ଏହା ପାନୀୟ ଉପଯୋଗୀ ନୁହେଁ ବୋଲି ଗ୍ରାମର ମହିଳାମାନେ ପ୍ରକାଶ କରିଛନ୍ତି। ଗ୍ରାମରେ ସୋଲାର ସଂଯୋଗ ପାଣିଟାଙ୍କି ଥିଲେ ମଧ ତାହା ପର୍ଯ୍ୟାପ୍ତ ପରିମାଣରେ ଜଳ ଯୋଗାଇ ପାରୁନାହିଁ। ଫଳରେ ଗ୍ରାମବାସୀ ଡ୍ୟାମ୍ ଜଳକୁ ପାନୀୟଜଳ ରୂପେ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ପୂର୍ବରୁ ଏହି ସମସ୍ୟା ନେଇ ପ୍ରଶାସନକୁ ଅବଗତ କରାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଏଥର ଦାବି ବିଚାରକରି ପ୍ରଶାସନ ପଦକ୍ଷେପ ନ ନେଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ମହିଳାମାନେ କହିଛନ୍ତି।

# ପ୍ରେମୀ ଯୁଗଳଙ୍କ ଭିଡିଓ ଭାଇରାଲ

ମାଲକାନଗିରି,୨୩।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଦ୍ମଗିରି ରାସ୍ତାରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାସ୍ତା ପାର୍ଶ୍ୱ ଜଙ୍ଗଲରେ ଜଣେ ଯୁବତୀଙ୍କ ସହ ଅନ୍ୟ ଜଣେ ଯୁବକ ଅନୈତିକ କାର୍ଯ୍ୟରେ ଲିପ୍ତଥିବା ବେଳେ ନିକଟସ୍ଥ ଗ୍ରାମର କେତେଜଣ ଯୁବକ ସେଠାରେ ପହଞ୍ଚି ଉଭୟଙ୍କୁ ଧରି ମାରପିଟ କରିଥିଲେ। ଉଭୟ ଯୁବତୀଯୁବକ କଲେଜରେ ପଢୁଥିବା କହିବା ସହ ଉଭୟେ ଉଭୟଙ୍କୁ ଭଲପାଉଥିବା ସ୍ଥାନୀୟ ଯୁବକଙ୍କୁ କହିଥିଲେ। ଏହା ପରେ ମଧ ଯୁବକମାନେ ସେମାନଙ୍କୁ ନିର୍ଯାତନା ଦେଇଥିଲେ। ଯୁବତୀଙ୍କ ସମସ୍ତ ପୋଷାକ ଛଡ଼ାଇ ନେଇଥିଲେ। ଯୁବତୀ ଜଣକ ଯେତେ କହିଲେ ମଧ ସେମାନେ ନ ଶୁଣି ତାଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଏହି ଯୁବକମାନେ ଅସଂଯତ ଅବସ୍ଥାରେ ଥିବା ସମ୍ପୃକ୍ତ ପ୍ରେମୀ ଯୁଗଳଙ୍କ ଭିଡିଓ ଉତ୍ତୋଳନ କରି ଏହାକୁ ଭାଇରାଲ କରି ଦେଇଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଥାନା ଅଧିକାରୀ ରାମପ୍ରସାଦ ନାଗଙ୍କୁ ପଚାରିବାରୁ ଏନେଇ କିଛି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

# ସଲପା ଗ୍ରାମରେ ଖାଦ୍ୟ ପୋଷଣ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜୟପୁର, ୨୩।୯ (ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ସଲପା ଗ୍ରାମରେ ଖାଦ୍ୟ ଓ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଏଫ୍‌ସିଆଇ ଓ କୋରାପୁଟ ମିଲର୍ସ ଆସୋସିଏଶନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏଥିରେ ୧୨୦ ସଦସ୍ୟଙ୍କୁ ଖାଦ୍ୟ କିଟ୍ ବଣ୍ଟନ କରାଯାଇଥିଲା। କିଟ୍‌ରେ ଆପୁଲ, ବିସ୍କୁଟ, କଦଳୀ, ଅଣ୍ଡା, ବାଦାମ ଇତ୍ୟାଦି ଖାଦ୍ୟ ସମଗ୍ରୀ ରହିଥିଲା।

# ବୈପାରିଗୁଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ : ରୟାଲ ବ୍ଲାଷ୍ଟର ବିଜୟୀ

ବୈପାରିଗୁଡା,୨୩।୯ (ଡି.ଏନ୍.ଏ.)



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ଆଇପିଏଲ୍ ଢାଞ୍ଚାରେ ସ୍ଥାନୀୟ ହାଇସ୍କୁଲ ଖେଳପଡିଆଠାରେ ବୈପାରିଗୁଡା ପ୍ରିମିୟର ଲିଗ୍ ଗୁରୁବାର ଆରମ୍ଭ ହୋଇଛି। ଏହା ୨ ଦିନ ଧରି ଚାଲିବ। ପ୍ରଥମ ଦିନରେ ରୟାଲ ବ୍ଲାଷ୍ଟର ଓ ପାୱାର ହିଟର ମଧରେ ମ୍ୟାଚ ହୋଇଥିଲା। ରୟାଲ ବ୍ଲାଷ୍ଟର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୫ ଓଭର ଖେଳି ଏହି ୬ ଉଇକେଟ୍ ହରାଇ ୧୧୪ ରନ୍ କରିଥିଲା। ଏହାର ଜବାବରେ ପାୱାର ହିଟର ୧୩ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୭୯ ରନ୍ କରଥିଲା। ଫଳରେ ୩୫ ରନ୍‌ରେ ରୟାଲ ବ୍ଲାଷ୍ଟର ବିଜୟୀ ହୋଇଥିଲା। ହିମାଂଶୁ ମହାନ୍ତି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ଭାଗୀରଥି ମୁର୍ଜିଆ ଓ ସାମାଜିକ କର୍ମୀ ଜ୍ଞାନେନ୍ଦ୍ର ଧଳ ଅତିଥି ଭାବେ ଯୋଗ ଦେଇଥିଲେ।

# ଚିତ୍ରକୋଣ୍ଡା:ଦିବ୍ୟାଙ୍ଗ ଚିହ୍ନଟ ଶିବିର

ଚିତ୍ରକୋଣ୍ଡା,୨୩।୯(ଡି.ଏନ୍.ଏ.)ଣ୍

ଚିତ୍ରକୋଣ୍ଡା ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ମାଲକାନଗିରି ଜିଲାପାଳ ବିଶାଳ ସିଂହଙ୍କ ଅଧକ୍ଷତାରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣି ଦଳାଇ, ଚିତ୍ରକୋଣ୍ଡା ବିଡିଓ ରାହୁଲ ମଣ୍ଡଳ, ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ସହ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ, ବିଏସ୍ଏସ୍ଓ ଅମର ମାଡ଼କାମି ଉପସ୍ଥିତ ଥିଲେ। ଶିବିରରେ ଏକ ୫ଜଣିଆ ଡାକ୍ତରୀ ଟିମ୍ ଭିନ୍ନକ୍ଷମମାନଙ୍କ ପରୀକ୍ଷାନିରୀକ୍ଷା କରି ସେମାନଙ୍କୁ ଚିହ୍ନଟ କରିଥିଲେ। ପଞ୍ଚାୟତର ୯୨ ଜଣ ଭିନ୍ନକ୍ଷମ ଏନେଇ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଶାରୀରିକ ଅକ୍ଷମ ୪୧ ଜଣ, ବଧିର ୨୬ ଜଣ, ମୂକ ୮ଜଣ,ମାନସିକ ବିକାରଗ୍ରସ୍ତ ୪ ଜଣ, ଦୃଷ୍ଟିବାଧିତ ୧୩ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ୧୩ ଦୃଷ୍ଟିବାଧିତଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା।

# ହିମାଂଶୁଙ୍କୁ ସ୍ୱର୍ଣ୍ଣ, ଅନ୍ୟ ୨ଜଣଙ୍କୁ ବ୍ରୋଞ୍ଜ

ସେମିଳିଗୁଡ଼ା,୨୩।୯(ସ୍ୱ.ପ୍ର.)

ସେମିଳିଗୁଡ଼ାସ୍ଥିତ ଉତ୍କଳ କରାଟେ ସ୍କୁଲ କରାଟେକା ହିମାଂଶୁ ଶେଖର ପଣ୍ଡା, ସଚିନ ବିଶ୍ୱକର୍ମା ଓ କୋଚ ରାଜେନ୍ଦ୍ର କେଶରୀ ସାମଲ ୨୧ ବର୍ଷରୁ କମ୍ ଓ ସିନିୟର ଷ୍ଟେଟ କରାଟେ ଚାମ୍ପିୟନଶିପ ପ୍ରତିଯୋଗିତାରେ ଭୁବନେଶ୍ୱରଠାରେ ଭାଗନେଇଥିଲେ। ଗତ ୧୮ ଓ ୧୯ତାରିଖରେ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ ସେମିଳିଗୁଡ଼ାର



ପଦକ ଜିତିଥିବା ୩ ପ୍ରତିଯୋଗୀ।

### କୋରାପୁଟ ଜିଲାକୁ ଆଣିଲେ ଗୌରବ ୩ କରାଟେକା

ଉପରୋକ୍ତ ୩ କରାଟେକା କୋରାପୁଟ ଜିଲାରୁ ପ୍ରତିନିଧିତ୍ୱ କରି ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ହିମାଂଶୁ ଶେଖର ପଣ୍ଡା ୨୧ ବର୍ଷରୁ କମ୍ ୬୭ କେଜି ଫାଇଟ (କୁମିତେ)ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେହିପରି ସଚିନ ବିଶ୍ୱକର୍ମା ୨୧ ବର୍ଷରୁ କମ୍ ବର୍ଗରେ ୫୫ କେଜି ଫାଇଟ (କୁମିତେ)ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କୋଚ ସେନ୍‌ସେଇ ରାଜେନ୍ଦ୍ର କେଶରୀ ସାମଲ ମଧ ଗ୍ରୁପ୍ କୋଟାରେ ବ୍ରୋଞ୍ଜ ପଦକ ହାସଲ କରିବିଜୟୀ ହୋଇଛନ୍ତି। କୋରାପୁଟ ଜିଲା କରାଟେ ଆସୋସିଏଶନ ସମ୍ପାଦକ ସେନ୍‌ସେଇ ଦୁର୍ଗା ପ୍ରସାଦ ରଥ, ସେମିଳିଗୁଡ଼ାର ଉତ୍କଳ କରାଟେ ସ୍କୁଲ ସଭାପତି ମନୋଜ ପଟ୍ଟନାୟକ, ଉପଦେଷ୍ଟା ଭଗବାନ ଦୋରା ଏହି ୩ କରାଟେକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବାର୍‌ହା ଶିକାର ଅଭିଯୋଗରେ ୫ ଗିରଫ

କୋରାପୁଟ,୨୩।୯(ସ୍ୱ.ପ୍ର)

କୋରାପୁଟ ବନ ରେଞ୍ଜ ଅଞ୍ଚଳରେ ବାର୍‌ହା ଶିକାର କରିଥିବା ଅଭିଯୋଗରେ ବନ ବିଭାଗ ୫ ଜଣ ଶିକାରୀଙ୍କୁ ଗୁରୁବାର ଗିରଫ କରିଛି। ସେମାନଙ୍କଠାରୁ ଶିକାର ପାଇଁବ୍ୟବହୃତ ମାରଣାସ୍ତ୍ର ଓ ବାରହା ମାଂସ ଜବତ ହୋଇଥିବା ରେଞ୍ଜର ରୋହିତ କୁମାର ସୂଚନା ଦେଇଛନ୍ତି। ଗିରଫ ଶିକାରୀମାନେ ହେଲେ କୋରାପୁଟ ସଦର ଥାନା ଅନ୍ତର୍ଗତ କର୍ତାସ ଜାନିଗୁଡା ଗ୍ରାମର ଜୟରାମ ଜାନି, ପଦଲାମ ମୁଦୁଲି ,ଚୈତନ୍ୟ ଜାନି, ଢେପଗୁଡା ଗ୍ରାମର ମିନା ଚପାଡି, ଜୋଗିମାଳିଗୁଡା ଗ୍ରାମର ଗୁରୁ ମାଳି। ମିଳିଥିବା ଖବରରୁ ଜଣାପଡିଛି କୋରାପୁଟ ବନ ରେଞ୍ଜ ଅଧୀନରେ ଥିବା କର୍ତାସ ଜାନିଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏକ ବାରହା କର୍ତାସ ନଦୀକୂଳକୁ ପାଣି ପିଇବାକୁ ଆସିଥିଲା।



ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

### ମାରଣାସ୍ତ୍ର, ବାର୍‌ହା ମାଂସ ଜବତ

ଏହି ସମୟରେ ବିଭିନ୍ନ ଗ୍ରାମର ୮ ଜଣ ଶିକାରୀ ସଂଘବଦ୍ଧ ହୋଇ ମାରଣାସ୍ତ୍ରରେ ବାରହା ଶିକାର କରିଥିଲେ। ପରେ ଗ୍ରାମ ନିକଟରେ ବାରହାକୁ କାଟି ମାଂସ ନେବାକୁ ଭାଗ ବାଣ୍ଟୁଥିଲେ। ଏହି ଖବର ପାଇ ରେଞ୍ଜରଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ସେଠାରେ ଚଢାଉ କରିଥିଲେ। ବନ ବିଭାଗର ଅଧିକାରୀଙ୍କୁ ଦେଖି ଘଟଣାସ୍ଥଳରୁ ୩ ଜଣ ଫେରାର ହୋଇଯାଇଥିଲେ। ୫ ଜଣଙ୍କୁ ଗିରଫ କରାଯାଇଥିଲା। ଶିକାରରେ ବ୍ୟବହୃତ ହୋଇଥିବା ୪ଟି ଟାଙ୍ଗିଆ ସମେତ ଅନ୍ୟାନ୍ୟ ମାରଣାସ୍ତ୍ର ଓ ମାଂସକୁ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

